# 108

**I**

Total No. of Questions—16

Total No. of Printed Pages—4 **Regd. No.** | | | | | | | | | | |

**Part II**
**ORIYA**
**Paper I**
**(Second Language)**

***Time : 3 Hours*** ***Max. Marks : 100***

**ନିର୍ଦ୍ଦେଶ :** ପ୍ରତ୍ୟେକ ପ୍ରଶ୍ନର ଉତ୍ତର କ୍ରମାନ୍ୱୟ ଭାବରେ ଲେଖିବା ଉଚିତ। ଅନ୍ୟଥା ଉପଯୁକ୍ତ ନମ୍ବର ପାଇବାରୁ ବଞ୍ଚିତ ହେବେ।

1. କୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଦିଅ। 10

(କ) 'ସତ୍ୟ ଆମ୍ଭ କଥା' ଅନୁସରଣରେ ବନବାସୀ ପାଣ୍ଡବମାନଙ୍କୁ ବିନାଶ କରିବା ପାଇଁ ଦୁର୍ଯ୍ୟୋଧନ କି ଚେଷ୍ଟା କରିଥିଲେ ଲେଖ।

(ଖ) 'ଛାଟ ପକାଇ କଲେ ଚିନ୍ତା' ରୁ ଯଶୋଦାଙ୍କ ବାତ୍ସଲ୍ୟ ଓ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳାକୁ ନିଜ ଭାଷାରେ ଲେଖ।

2. କୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଦିଅ। 10

(କ) ଉନ୍ନତ ଉଚ୍ଚଶିକ୍ଷା ବ୍ୟବସ୍ଥାର ପ୍ରାଣକେନ୍ଦ୍ର ରୂପେ ଇଣ୍ଡିଆନା ରାଜ୍ୟ ବିଶ୍ୱବିଦ୍ୟାଳୟ (Indiana State University)ର ଭୂମିକା ଆଲୋଚନା କର।

(ଖ) ଅସୁରଦୀଘିରେ ବର୍ଣ୍ଣିତ ତୁଠଗୁଡ଼ିକ ସମ୍ବନ୍ଧରେ ଲେଖ।

3. ପୂର୍ବାପର ସଂପର୍କ ସୂଚାଇ କୌଣସି **ଗୋଟିଏ** ର ସରଳାର୍ଥ ଲେଖ। 5

(କ) ଗଭୀର ଗୁଣକୁ ପଣ୍ଡିତ ଠାରୁ ଗୃହୀତ କରି ନର୍ତ୍ତକୀ ଠାବରୁ ଭଉଁରୀ ଶିକ୍ଷାପରା ଏହାରି।

(ଖ) ଯଶୋଦା ଶ୍ରମ ଦେଖି ହରି।
ନିଜେ ବନ୍ଧନ ମନେ କରି।

4. ପୂର୍ବାପର ସଂପର୍କ ସୂଚାଇ କୌଣସି **ଗୋଟିଏ** ର ସରଳାର୍ଥ ଲେଖ। 5

(କ) କିନ୍ତୁ ମନେ ରଖିବା ଉଚିତ୍, ଏହା ଟ୍ରକ୍ ବା କାର୍ ମରାମତି ଗ୍ୟାରେଜ ନୁହେଁ ବା କୌଣସି କାରଖାନାର କଳକବ୍‌ଜା ସଜଡ଼ା କାମ ନୁହେଁ।

(ଖ) ଭାରତରେ ମୋର ଦୀର୍ଘ ଅବସ୍ଥାନ ଫଳରେ ମୋତେ ଜଣାଗଲା ଯେ, ଭାରତୀୟ ସଂସ୍କୃତିର ମୂଳାଧାର ହେଉଛି ଏକ; ମାତ୍ର ଇନ୍ଦ୍ରଧନୁ ପରି ଏହା ବିଭିନ୍ନ ଅଞ୍ଚଳରେ ବିଭିନ୍ନ ରଙ୍ଗ ଧାରଣ କରିଛି।

5. କୌଣସି **ଚାରୋଟି** ପ୍ରଶ୍ନର ଉତ୍ତର ଦୁଇଟି ବାକ୍ୟରେ ପ୍ରଦାନ କର। $2 \times 4 = 8$

(କ) ଅର୍ଜ୍ଜୁନର ଧନୁର ନାମ କ'ଣ? ସେ ଧନୁ ଧାରଣ କଲେ କେଉଁ ମାନଙ୍କୁ ସହଜରେ ଜିଣିପାରେ?

(ଖ) ରାଧାଙ୍କର ହୃଦୟର ବ୍ୟଥା କ'ଣ ଥିଲା?

(ଗ) ଯଶୋଦା କାହିଁକି କୃଷ୍ଣଙ୍କୁ ବାଡ଼େଇଥିଲେ?

(ଘ) 'ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ' - ଭାବ ସଂପ୍ରସାରଣ କର।

(ଙ) ଭୀମଭୋଇ କିପରି କବିତ୍ୱ ଲାଭ କରିଥିଲେ?

6. କୌଣସି **ଚାରୋଟି** ପ୍ରଶ୍ନର ଉତ୍ତର ଦୁଇଟି ବାକ୍ୟରେ ପ୍ରଦାନ କର। $2 \times 4 = 8$

(କ) ଫକୀରମୋହନ ସେନାପତି କି କି ପତ୍ରିକା ପ୍ରକାଶ କରିଥିଲେ?

(ଖ) ମୁସଲମାନ ଓ ମରହଟ୍ଟା ରାଜତ୍ୱ କାଳରେ ଓଡ଼ିଆମାନେ ରାଜକର୍ମଚାରୀ ହୋଇପାରିନଥିଲେ କାହିଁକି?

(ଗ) ଶିକ୍ଷାର ଲକ୍ଷ୍ୟ ସମ୍ବନ୍ଧରେ ଜେମ୍‌ସ (James) କ'ଣ କହିଥିଲେ?

(ଘ) ଏକାଦୁଣିଆ କିଏ? ପୁଷ୍କରିଣୀ ସଂପର୍କରେ ସେ କି ବିବରଣୀ ଦେଇଥାଏ?

(ଙ) ପିଲାମାନେ କିପରି ବୁଦ୍ଧିମାନ ହୋଇପାରିବେ?

7. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ପଦ ବା ବାକ୍ୟରେ ପ୍ରଦାନ କର। $1 \times 5 = 5$

(କ) ଶ୍ରୀଗୁରୁ କିଏ?

(ଖ) 'ଅଷ୍ଟଦୁର୍ଗପତି' ବୋଲି କାହାକୁ କୁହାଯାଇଛି?

(ଗ) 'ସରସୀରେ ରାଜକନ୍ୟା' କାହାର କୃତି?

(ଘ) କେଉଁ ମୂଳ ଗ୍ରନ୍ଥ ଅନୁସରଣରେ ଜଗନ୍ନାଥ ଦାସ ଓଡ଼ିଆ ଭାଗବତ ରଚନା କରିଥିଲେ?

(ଙ) କାହାର ସତ୍ୟ ବଚନରେ ଆମ୍ବ ପାଚିଲା?

8. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ପଦ ବା ବାକ୍ୟରେ ପ୍ରଦାନ କର। $1 \times 5 = 5$

(କ) ଜୀବକୋଷର ନାଭିକେନ୍ଦ୍ରରେ କ'ଣ ଥାଏ?

(ଖ) ପ୍ରଫେସର ହୃଦାନନ୍ଦ ରାୟଙ୍କ ତୁମ ପଠିତ ପ୍ରବନ୍ଧ?

(ଗ) ତୁମ ପଠିତ ପ୍ରବନ୍ଧରେ 'ରତାକଇଁ' ବୋଲି କାହାକୁ କୁହାଯାଇଛି?

(ଘ) ବୋଷ୍ଟନ ସହର କେଉଁ ନଦୀକୂଳରେ ଅବସ୍ଥିତ?

(ଙ) 'ମୋ ସମୟର ଭାରତ ଓ ଓଡ଼ିଶା' ପ୍ରବନ୍ଧର ପ୍ରାବନ୍ଧିକ?

9. ମକଦମା ଏକାଙ୍କିକାରେ ଓଡ଼ିଶାର ଗ୍ରାମ୍ୟ ଜୀବନର ଚିତ୍ର ପ୍ରତିଫଳିତ - ଆଲୋଚନା କର। 10

**କିମ୍ବା**

'ଛଦ୍ମବେଶୀ' ଏକାଙ୍କିକାର ନାମକରଣର ସାର୍ଥକତା ପ୍ରତିପାଦନ କର।

10. କୌଣସି ମହାପୁରୁଷଙ୍କ ଆଦର୍ଶରେ ତୁମେ କିପରି ଅନୁପ୍ରାଣିତ ହୋଇଛି; ତାହା ବର୍ଣ୍ଣନା କରି ତୁମ ବନ୍ଧୁଙ୍କ ପାଖକୁ ଖଣ୍ଡିଏ ପତ୍ର ଲେଖ। 5

**କିମ୍ବା**

ତୁମ ଅଞ୍ଚଳରେ ଡ଼ାକଘରଟିଏ ପ୍ରତିଷ୍ଠା କରିବା ପାଇଁ ଡ଼ାକବିଭାଗର ଅଧିକାରୀଙ୍କୁ ନିବେଦନ କର।

11. (କ) ରାମକେରୀ କିମ୍ବା ଆଷାଢ଼ଶୁକ୍ଳ ଛନ୍ଦର ଲକ୍ଷଣ ଲେଖି ଉଦାହରଣ ଦିଅ। 4

(ଖ) ଅନୁପ୍ରାସ ଓ ଶ୍ଳେଷ ଅଳଙ୍କାରର ଲକ୍ଷଣ ଲେଖି ଉଦାହରଣ ଦିଅ। 4

12. କୌଣସି **ତିନୋଟିର** ସନ୍ଧି ବିଚ୍ଛେଦ କର। 3

ଭାବୁକ, ନରେନ୍ଦ୍ର, ନିରାକାର, ସଂସ୍କାର, ଦିଗ୍‌ବିଜୟ୍ ।

13. କୌଣସି **ତିନୋଟିର** ବିଗ୍ରହ ବାକ୍ୟ ସହ ସମାସ ନାମ ଲେଖ। 3

ଭୁବନେଶ୍ୱର, ମହୀପାଳ, ଅହର୍ନିଶ, ବୁଢ଼ାଲୋକ, ଦୋଛକୀ।

14. କୌଣସି **ତିନୋଟିର** ବିପରୀତାର୍ଥ ବୋଧକ ଶବ୍ଦ ଲେଖ। 3

ପ୍ରାଚ୍ୟ, ବିରହ, ଲିପ୍ତ, ବନ୍ଧୁର, ଅନ୍ଧ

15. କୌଣସି **ତିନୋଟିର** ଲିଙ୍ଗ ବଦଳାଅ। 3

ଡ଼ାହାଣୀ, ଗିରସ୍ତ, କିଣ୍ଣୁରୁଣୀ, ବୃଷ, ବଳୀୟାନ୍

16. (କ) କୌଣସି **ଚାରିଗୋଟି** ରୂଢ଼ିର ଅର୍ଥ ଲେଖି ବାକ୍ୟରେ ପ୍ରୟୋଗ କର। 4

ଛାତି ପଥର କରିବା, ମାଛ ତେଲରେ ମାଛ ଭାଜିବା,

ଅହି ନକୁଳ ସଂପର୍କ, ଅରଣ୍ୟରୋଦନ,

ଗୋଠ ଖଣ୍ଡିଆ, ତୁଣ୍ଡ ବାଇଦ

(ଖ) ପ୍ରଦତ୍ତ ଅନୁଚ୍ଛେଦଟିକୁ ପାଠ କରି ତଳେ ଦିଆ ଯାଇଥିବା ପ୍ରଶ୍ନଗୁଡ଼ିକର ସଠିକ୍ ଉତ୍ତର ଲେଖ। 5

ଚୈତ୍ରପର୍ବ ପରେ ରଜସଂକ୍ରାନ୍ତି ପାଳିତ ହୁଏ।

ଗାଁର ଆମ୍ବତୋଟାମାନଙ୍କରେ, ଅଧିକାଂଶ ଘରର ଅଗଣା ଓ ବାଡ଼ିରେ ଛୋଟ ଛୋଟ ଦୋଳି ଓ ପଟାଦୋଳିକୁ ରଖି ସ୍ତ୍ରୀ-ପୁରୁଷ, ବାଳକ-ବାଳିକା, ବୃଦ୍ଧ-ବୃଦ୍ଧା ସମସ୍ତେ ଦୋଳିଖେଳରେ ମାତି ଦୋଳିଗୀତ ଗାଆନ୍ତି। ଦୋଳିଗୀତ ଆଦିରସାତ୍ମକ ଓ ଅଶ୍ଳୀଳ ହୋଇଥାଏ। ଏହି ରଜ ଉପଲକ୍ଷେ ଗାଁଟି ଆନନ୍ଦମୁଖର ହୁଏ। ପିଠାପଣା, ମାଂସ ଭୋଜନରେ ସମସ୍ତେ ମାତନ୍ତି। ବାଗୁଡ଼ି ଖେଳ ଚାଲେ। କିନ୍ତୁ ଏବେ ଆଉ ବାଗୁଡ଼ିଖେଳ ହେଉନାହିଁ। ଦଳଗତ ଯୁଦ୍ଧକୁ ନେଇ ଏହା ଏବେ ବନ୍ଦ ହୋଇଯାଇଛି। ମକରପର୍ବ ଏ ଅଞ୍ଚଳର ଆଉ ଗୋଟିଏ ପର୍ବ। ପାର୍ଶ୍ୱବର୍ତ୍ତୀ ବୈତରଣୀ ନଦୀରେ ସ୍ନାନ କରି ଲୋକେ କେଶରୀ କୁଣ୍ଡ ଠାରେ ଅନୁଷ୍ଠିତ ମେଳାରେ ଯୋଗଦିଅନ୍ତି ଏବଂ ଏହି ଦିନ ସିଂହଭୂମି, କେନ୍ଦୁଝର, ମୟୂରଭଞ୍ଜରୁ ଅନେକ ଲୋକ ଖିଚିଂ ଠାକୁରାଣୀଙ୍କୁ ଦର୍ଶନ କରନ୍ତି। ଫଳରେ ସେଠାରେ ମଧ୍ୟ ଛୋଟ ମେଳାଟିଏ ହୁଏ। ଏହି ଅବସରରେ ଜଗନ୍ନାଥ ପାଣିଙ୍କ ରଚିତ ଲୀଳାଯାତ୍ରା, ବୈଷ୍ଣବପାଣିଙ୍କ ରଚିତ ରଙ୍ଗସଭା, ବର୍ଣ୍ଣସଭା ଇତ୍ୟାଦି ପ୍ରଦର୍ଶିତ ହୁଏ। ଦଶହରା ସମୟରେ ଖିଚିଂ ଠାକୁରାଣୀଙ୍କ ମନ୍ଦିରରେ ପୂଜା ଓ ଚଣ୍ଡୀପାଠ ଓ ସହ ମେଳା ମହୋତ୍ସବ ମଧ୍ୟ ହୋଇଥାଏ।

**ପ୍ରଶ୍ନ :**

(କ) ବୈଷ୍ଣବପାଣି କ'ଣ ଲେଖିଥିଲେ?

(ଖ) ମକରମେଳା କେଉଁଠି ଅନୁଷ୍ଠିତ ହୁଏ?

(ଗ) ଦୋଳିଗୀତ କିପରି ହୋଇଥାଏ?

(ଘ) ବାଗୁଡ଼ି ଖେଳ କାହିଁକି ବନ୍ଦ ହୋଇଯାଇଛି?

(ଙ) ରଜ ସଂକ୍ରାନ୍ତି କିପରି ପାଳିତ ହୁଏ?